# NATIONAL NEWS BULLETIN (ODIA)

## 4 December - 2025

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଭାରତ ଏବଂ ରୁଷ୍ ଆନ୍ତଃ ସରକାରୀ କମିଶନ ସାମରିକ କୌଶଳ ସହଯୋଗ ମନ୍ତ୍ରୀସ୍ତରୀୟ ବୈଠକରେ ସହ ଅଧ୍ୟକ୍ଷତା କରିବେ ପ୍ରତିରକ୍ଷାମନ୍ତ୍ରୀ
- ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ସହାୟକ ପରିଷଦର ଅଧ୍ୟକ୍ଷତା ପଦ ଗ୍ରହଣ କଲା ଭାରତ
- ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି ସଂପର୍କରେ ଆଲୋଚନା କରିବାକୁ ଆଜି ନୂଆଦିଲ୍ଲୀରେ ପହଞ୍ଚିବେ ୟୁରୋପୀୟ ସଂଘ ପ୍ରତିନିଧି ମଣ୍ଡଳୀ

ଏବଂ

- ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଠାରୁ ୪ ୱିକେଟ୍‌ରେ ପରାସ୍ତ ହେଲା ଭାରତ

## ରାଜନାଥ-ରୁଷ୍

ନୂଆଦିଲ୍ଲୀଠାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ତାଙ୍କ ରୁଷ୍ ପ୍ରତିପକ୍ଷ ଆଣ୍ଡ୍ରେଇ ବେଲୋସପ୍ ୨୨ତମ ଭାରତ-ରୁଷ ଆନ୍ତଃ ସରକାରୀ କମିଶନ ସାମରିକ ଏବଂ ସାମରିକ କୌଶଳ ସହଯୋଗ ମନ୍ତ୍ରୀସ୍ତରୀୟ ବୈଠକକୁ ସହଅଧ୍ୟକ୍ଷତା କରିବେ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ

କୁହାଯାଇଛି, ଦୁଇ ନେତା ଉଭୟ ଦେଶର ପ୍ରତିରକ୍ଷା ସ୍ତରୀୟ ବ୍ୟବସ୍ଥା ଏବଂ ବିଭିନ୍ନ ସଂପର୍କର ସୀମାକ୍ଷା କରିବେ । ଉଭୟ ଦେଶର ସ୍ୱାର୍ଥ ସମ୍ବଳିତ ସଂପର୍କ ତଥା ସାଂପ୍ରତିକ ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ଉପରେ ଦୁଇ ନେତାଙ୍କ ମଧ୍ୟରେ ବାର୍ତ୍ତାଳାପ ହେବ। ଏହି ଗସ୍ତକାଳରେ ଶ୍ରୀ ବେଲୋସପ୍ ଜାତୀୟ ଯୁଦ୍ଧ ସ୍ମାରକୀ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶପାଇଁ ବଳିଦାନ ଦେଇଥିବା ଭାରତୀୟ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବେ ।

## ଇଣ୍ଡିଆ-ଆଇଡିଆ ଚେୟାର

ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ସହାୟକ-ଆଇଡିଆ ପରିଷଦର ଅଧ୍ୟକ୍ଷତା ଗ୍ରହଣ କରିଛନ୍ତି । ଭାରତ ୨୦୨୬ ମସିହା ପାଇଁ ଏହି ସଦସ୍ୟ ରାଷ୍ଟ୍ର ପରିଷଦର ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି । ପରିଷଦର ୧୪ଟି ପ୍ରତିଷ୍ଠାତା ସଦସ୍ୟ ରାଷ୍ଟ୍ର ମଧ୍ୟରେ ଭାରତ ଅନ୍ୟତମ। ଶ୍ରୀ କୁମାର ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ଠାରେ ଭାରତର ରାଷ୍ଟ୍ରଦୂତ ଅନୁରାଗ ଭୂଷଣଙ୍କ ଉପସ୍ଥିତିରେ ଏହି ଅଧ୍ୟକ୍ଷତା ଗ୍ରହଣ କରିଛନ୍ତି । ଶ୍ରୀ କୁମାର କହିଛନ୍ତି, ଦେଶରେ ୨୮ଟି ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଞ୍ଚଳରେ ୯୦କୋଟିରୁ ଅଧିକ ମତଦାତା ରହିଛନ୍ତି। ୧୯୪୭ ମସିହା ସ୍ୱାଧୀନତା ପରଠାରୁ ଭାରତ ସଂସଦ ପାଇଁ ୧୮ଟି ସାଧାରଣ ନିର୍ବାଚନ ଏବଂ ୪୦୦ରୁ ଅଧିକ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ପରିଚାଳନା କରିଛି । ଭାରତ କେବଳ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ନୁହେଁ, ବରଂ ଏହାର ଐତିହ୍ୟରେ ଥିବା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନୀତିଗୁଡ଼ିକୁ ବିଶ୍ୱ ଅନୁସରଣ କରୁଛି । ଏହି ଦାୟିତ୍ୱ ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଓ ଅଭିନବ ନିର୍ବଚାନ ପରିଚାଳନା ସଂସ୍ଥାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିଛି ବୋଲି ସେ କହିଛନ୍ତି ।

## ସଞ୍ଚାରସାଥି ଆପ୍

ସଞ୍ଚାରସାଥି ଆପ୍‌ର ବର୍ଦ୍ଧିତ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋବାଇଲ୍ ନିର୍ମାତାଙ୍କ ପାଇଁ ଏହି ଆପ୍‌ର ପ୍ରି-ଇନ୍‌ଷ୍ଟଲେସନ୍ ବାଧ୍ୟତାମୂଳକ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ ନାଗରୀକମାନେ ଯେତେବେଳେ ଚାହିଁବେ ଏହି ଆପ୍‌କୁ ହଟାଇ ପାରିବେ ଏବଂ ଆପ୍‌ରେ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନାହିଁ । କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୧ ଦଶମିକ୍ ୪ କୋଟି ବ୍ୟବହାରକାରୀ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଛନ୍ତି । ପ୍ରତିଦିନ ୨ ହଜାର ଠକେଇ ଘଟଣା ଘଟୁଥିବାର ଏହି ମୋବାଇଲ୍ ଆପ୍ଲିକେସନ୍‌ରେ ରିପୋର୍ଟ୍ କରାଯାଇଛି ।

## ଏଲ୍‌ଏସ୍-ସାଇକ୍ଲୋନ୍

ବାତ୍ୟା, ଆକସ୍ମିକ ବୃଷ୍ଟିପାତ ଏବଂ ଭୂକମ୍ପ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଜନଜୀବନ ରକ୍ଷା ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଭୂ-ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଲୋକସଭାରେ ଗତକାଲି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ସଠିକ୍ ସମୟରେ ସତର୍କ ସୂଚନା ଜାରି କରାଯାଉଛି । ଇତିମଧ୍ୟରେ ମିଶନ୍ ମୌସମ ଭଳି ଏକ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଦେଶରେ ପାଣିପାଗ ସମ୍ପର୍କରେ ସମୟୋପଯୋଗୀ ତଥ୍ୟ ପ୍ରଦାନ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଡକ୍ଟର ସିଂହ କହିଛନ୍ତି,

ନିକଟରେ କାର୍ଯ୍ୟକାରୀ ହୋଇଥିବା ଭାରତ ପୂର୍ବ ସୂଚନା ବ୍ୟବସ୍ଥାକୁ ଅଧିକ ବିକଶିତ କରାଯାଇଛି ।

## ଆର୍‌ଏସ୍‌-ପାନମସଲା ଟ୍ୟାକ୍ସ

ସମସ୍ତ ପ୍ରକାର ପାନମସଲା ପ୍ୟାକେଟ୍ ଉପରେ ନିର୍ଦ୍ଧାରିତ ମୂଲ୍ୟ ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଲିଗାଲ୍ ମେଟ୍ରୋଲୋଜି ଦ୍ୱିତୀୟ ସଂଶୋଧନ ନୀତି ୨୦୨୫ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତାବର୍ଷ ଫେବୃୟାରୀ ପହିଲାରୁ ଏହା କାର୍ଯ୍ୟକାରୀ କରାଯିବ । ପ୍ରସ୍ତୁତକର୍ତ୍ତାଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ଅଂଶିଦାର ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଧ ବୋଲି ଉପଭୋକ୍ତା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଉପଭୋକ୍ତଙ୍କ ସୁରକ୍ଷା ଏବଂ ବ୍ୟବସାୟରେ ସ୍ୱଚ୍ଛତା ଆଣିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## କାଶୀ ତାମିଲ

କାଶୀ ତାମିଲ ସଂଗମମ୍‌ର ପ୍ରଥମ ଶ୍ରଦ୍ଧାଳୁ ପ୍ରତିନିଧି ମଣ୍ଡଳୀ କାଶୀସ୍ଥିତ ହନୁମାନ ଘାଟ, ବିଏଚ୍‌ୟୁ ଏବଂ ସାରନାଥ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭ୍ରମଣ କରିବା ପରେ ଆଜି ସେମାନେ ଅଯୋଧ୍ୟା ଗସ୍ତ କରିବେ । ଏଥିପାଇଁ ଅଯୋଧ୍ୟାରେ ସେମାନଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅଯୋଧ୍ୟା ଜିଲ୍ଲାପାଳ ନିଖିଲ ଟିକାରାମ ଫୁଣ୍ଡେ ଏହି ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି । ତାମିଲନାଡୁର ଏହି ପ୍ରତିନିଧି ମଣ୍ଡଳୀ ଅଯୋଧ୍ୟାକୁ କ୍ରମାଗତ ଭାବେ ବୁଲିବାକୁ ଆସିବେ । ଆଜିଠାରୁ ବିଭିନ୍ନ ଦିନରେ ୧୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ଏଠାକୁ ବୁଲିବାକୁ ଆସିବାର

କାର୍ଯ୍ୟସୂଚୀ ରହିଛି । ଶ୍ରଦ୍ଧାଳୁମାନେ ଅଯୋଧ୍ୟାର ପ୍ରମୁଖ ମନ୍ଦିର ଶ୍ରୀରାମ ଜନ୍ମଭୂମି, ହନୁମାନଗଡ଼ି ଏବଂ ଅନ୍ୟାନ୍ୟ ମନ୍ଦିର ଯାଇ ଦର୍ଶନ ଓ ପୂଜାପାଠ କରିବେ । ଶ୍ରୀରାମ ଅଡିଟୋରିୟମ୍‌ଠାରେ ପ୍ରତିନିଧି ମଣ୍ଡଳୀଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଚାଇଲ୍‌ଡ ମ୍ୟାରେଜ୍

ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ **ବାଲ୍ ବିବାହ ମୁକ୍ତ ଭାରତ** ଅଭିଯାନର ଏକବର୍ଷ ପୂର୍ତ୍ତି ଅବସରରେ ଶହେଦିନ ବ୍ୟାପି ଏକ ବ୍ୟାପକ ସଚେତନତା ଆରମ୍ଭ କରିବ । ଦେଶରେ ଦେଶକୁ ଶିଶୁ ବିବାହ ମୁକ୍ତ କରିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯିବ । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ତଥା ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁରଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହେବ ।

ସୂଚନାଯୋଗ୍ୟ ଗତବର୍ଷ ନଭେମ୍ବର ୨୭ ତାରିଖରେ ମନ୍ତ୍ରଣାଳୟ ପକ୍ଷରୁ ବାଳ ବିବାହ ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଏହି ଅଭିଯାନର ମୂଳଲକ୍ଷ୍ୟ ରହିଛି ସମଗ୍ର ଦେଶରେ ଶିଶୁ ବିବାହ ପ୍ରଥାକୁ ଲୋପ କରି ନାଗରିକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା । ଏହି ଅବସରରେ ଶିଶୁ ବିବାହ ପ୍ରଥାକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାକୁ ସ୍ୱତନ୍ତ୍ର ଚଳଚ୍ଚିତ୍ରର ଆୟୋଜନ ମଧ୍ୟ କରାଯାଇଛି । ସରକାରଙ୍କ ୱେବ୍‌କାଷ୍ଟ ପ୍ଲାଟଫର୍ମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ । ୧୦୦ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟମାନଙ୍କରେ ଏହାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବିତର୍କ ଏବଂ ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସଂଗଠନମାନଙ୍କୁ ଏକାଠି କରି ଶିଶୁ ଅଧିକାର ଏବଂ ସୁରକ୍ଷା ସଂପର୍କରେ ସେମାନଙ୍କୁ ବାର୍ତ୍ତା ପ୍ରଦାନ କରାଯିବ । ତୃତୀୟ ପର୍ଯ୍ୟାୟରେ ଗ୍ରାମପଞ୍ଚାୟତ ଏବଂ ୱାର୍ଡ ସ୍ତରରେ ଶିଶୁ ବିବାହ ପ୍ରଥାକୁ ବନ୍ଦ କରିବା ପାଇଁ ସଂକଳ୍ପପତ୍ର ଘୋଷଣା କରାଯିବାର କାର୍ଯ୍ୟକ୍ରମ ଆଦି ରହିଛି ।

## ଇଣ୍ଡିଆ ଇୟୁ ଏଫ୍‌ଟିଏ

ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରିବାକୁ ଏକ ୪୦ ଜଣିଆ ୟୁରୋପୀୟ ସଂଘ ପ୍ରତିନିଧି ମଣ୍ଡଳୀ ଆଜି ନୂଆଦିଲ୍ଲୀରେ ପହଞ୍ଚିବେ । ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘ ଉଚ୍ଚାୟୁକ୍ତ ହାର୍‌ଭେ ଡେଲ୍‌ଫିନ୍ ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ବାର୍ଷିକ ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି ଏହା କହିଛନ୍ତି । ଉଭୟ ପକ୍ଷ ମଧ୍ୟରେ ଏଫ୍.ଟି.ଏ. ଆଲୋଚନା ଦ୍ୱିତୀୟ ପର୍ଯ୍ୟାୟ ଭାବରେ ପ୍ରତିନିଧି ମଣ୍ଡଳୀ ମତବିନିମୟ କରିବେ ବୋଲି ସୂଚନା ମିଳିଛି ।

## ତେଲଙ୍ଗାନା

ତେଲଙ୍ଗାନା ରାଜ୍ୟ ସରକାର ରାଜସ୍ୱ ସର୍ଭେ ଏବଂ ପଞ୍ଜୀକରଣ ବିଭାଗ ସୂଚନାର ଡିଜିଟାଇଜେସନ ବ୍ୟବସ୍ଥା କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ତେଲଙ୍ଗାନା ରାଜସ୍ୱ ମନ୍ତ୍ରୀ ପି. ଶ୍ରୀନିବାସ ରେଡ୍ଡୀ ହାଇଦ୍ରାବାଦରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ଲୋକଙ୍କ ସୁବିଧା ପାଇଁ ସରକାର ଏହି ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି ।

ପାଇଲଟ୍ ଭିତ୍ତିରେ ଗ୍ରାମ୍ୟ ମାନଚିତ୍ର ନଥିବା ୪୧୩ଟି ଗ୍ରାମ ମଧ୍ୟରୁ ପ୍ରଥମେ ୫ଟି ଗ୍ରାମକୁ ଚୟନ କରାଯାଇ ଏହାର ସୀମା ଓ ଜମି ନମ୍ବର ଆବଣ୍ଟନ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୩୭୩ଟି ଗ୍ରାମର ସର୍ଭେ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ନୌସେନା ଦିବସ

ଭାରତୀୟ ନୌସେନାର ପରାକ୍ରମ, ସଫଳତା ଏବଂ ରଣନୈତିକ ଗୁରୁତ୍ୱକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ମାସ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଇଥାଏ । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ କରାଚୀ ବନ୍ଦର ଉପରେ ଭାରତୀୟ ନୌସେନାର ସଫଳ ଆକ୍ରମଣର ସ୍ମୃତିଚାରଣ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଜାତୀୟ ସୁରକ୍ଷା ଏବଂ ସାମୁଦ୍ରିକ ଐତିହ୍ୟରେ ଭାରତୀୟ ନୌସେନାର ଭୂମିକା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ସହିତ ଦେଶପ୍ରେମ ଓ ଏକତାର ଭାବକୁ ଉତ୍ସାହିତ କରିଥାଏ ।

## କ୍ରିକେଟ୍

ରାୟପୁରସ୍ଥିତ ଶହୀଦ ବୀରନାରାୟଣ ସିଂ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ଗତକାଲି ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଭାରତର ବିଶାଳ ସ୍କୋର ୩୫୯ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୬ ଓ୍ୱିକେଟ୍ ହରାଇ ୪ଟି ବଲ୍ ବାକିଥାଇ ୩୬୨ ରନ୍ ସଂଗ୍ରହ କରିଥିଲା । ଆଡେନ୍ ମାକ୍ରମଙ୍କ ୧୧୦ ରନ୍ ଶତକୀୟ ବାରି ତଥା ମାଥ୍ୟୁଙ୍କ ୬୮ ରନ୍ ବଳରେ ଦକ୍ଷିଣ ଆଫ୍ରିକା ଏହି ବିଜୟ

ଲକ୍ଷ୍ୟରେ ପହଞ୍ଚିପାରିଥିଲା । ଭାରତ ପକ୍ଷରୁ ଅରସିଦ୍ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏଁ ଅକ୍ତିଆର କରିଥିଲେ ।

ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୫ ୱିକେଟ୍ ହରାଇ ୩୫୮ ରନ୍ କରିଥିଲା । ରୁତୁରାଜ ଗାଇକ୍ୱାଡ ୮୩ ବଲ୍‌ରେ ୧୦୫ ରନ୍ କରିଥିବା ବେଳେ ବିରାଟ କୋହଲି ୯୩ ବଲରେ ୧୦୨ ରନ୍ କରି ତାଙ୍କର ୫୩ତମ ଏକଦିବସୀୟ ଶତକ ହାସଲ କରିଥିଲେ । ବିଜୟ ଫଳରେ ୧-୧ରେ ସିରିଜ୍ ସମାନ ରହିଛି । ସିରିଜ୍‌ର ଶେଷ ମ୍ୟାଚ୍ ଆସନ୍ତା ୬ ତାରିଖରେ ବିଶାଖାପଟନମ୍‌ଠାରେ ଅନୁଷ୍ଠିତ ହେବ ।